# ରାମଚରିତ ପ୍ରଦର୍ଶନ

ଉପେନ୍ଦ୍ର ଭଞ୍ଜ
(ସପ୍ତଦଶ ଶତାବ୍ଦୀ–ଅଷ୍ଟାଦଶ ଶତାବ୍ଦୀ)

କବି ପରିଚୟ :

*କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ସପ୍ତଦଶ ଶତାବ୍ଦୀର ଶେଷ ଭାଗରେ ଘୁମୁସର ରାଜ ବଂଶରେ ଜନ୍ମ ହୋଇଥିଲେ । ଅଷ୍ଟାଦଶ ଶତାବ୍ଦୀର ମଧ୍ୟଭାଗ ବେଳକୁ ତାଙ୍କର ଦେହାନ୍ତ ହୋଇଥିଲା । ତାଙ୍କର ଜେଜେବାପା କବି ଧନଞ୍ଜୟ ଭଞ୍ଜ ଓ ପିତା ନୀଳକଣ୍ଠ ଭଞ୍ଜ । ଉପେନ୍ଦ୍ର ଭଞ୍ଜ ନାନା କାବ୍ୟ ଶାସ୍ତ୍ର ଅଭିଧାନ ଓ ଅଳଙ୍କାର ଶାସ୍ତ୍ରରେ ପଣ୍ଡିତ ଥିଲେ । ତାଙ୍କର ବିଭିନ୍ନ କାବ୍ୟ ମଧ୍ୟରେ ବୈଦେହୀଶ ବିଳାସ, କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ, ଲାବଣ୍ୟବତୀ, ପ୍ରେମସୁଧାନିଧି, କଳା କଉତୁକ, ଛାନ୍ଦଭୂଷଣ, ରସିକ ହାରାବଳୀ, ସୁଭଦ୍ରା ପରିଣୟ ଆଦି ପ୍ରଧାନ । ସେ ମଧ୍ୟ ବହୁ ଗୀତି କବିତା, ଚଉତିଶା ରଚନା କରିଥିଲେ । ସେ ଥିଲେ ମଧ୍ୟଯୁଗର ଶ୍ରେଷ୍ଠ ରୀତି କବି ଓ ଆଳଙ୍କାରିକ କବି ।*

*ଗୃହୀତ କବିତାଂଶଟି 'ଲାବଣ୍ୟବତୀ' କାବ୍ୟରୁ ଆନୀତ । ଏହି କବିତାରେ ରାମାୟଣୀ ଆଦର୍ଶ, ଦାମ୍ପତ୍ୟ ଜୀବନର ମହିମା, ଶ୍ରୀରାମଙ୍କ ବ୍ୟକ୍ତିତ୍ୱ ଓ ସାଧାରଣ ଚରିତ୍ର ପ୍ରତି ସମ୍ବେଦନା ସୂଚିତ ।*

---

ବଡ଼ ବଡ଼ଭୀ ମସ୍ତକ ମଣ୍ଡିଲା କୁମାରୀ ।
କେବଳ ଅଛନ୍ତି ସଙ୍ଗେ ପ୍ରିୟ ସହଚରୀ ଯେ ।।
କରିଛି କରୀନ୍ଦ୍ରଗତି ଏ ପାଞ୍ଚ ସ୍ୱଭାବ ।
ରାମଚରିତ ଦେଖିଲେ କାମ ପୂର୍ଣ୍ଣ ହେବ ଯେ ।।
ଏହିକାଳେ ଜାଲିକ ବୋଇଲା ନେତ୍ର ବୁଜ ।
ନେତ୍ର ବୁଜନ୍ତେ ରଚିଲା ଏ ମାୟାସମାଜ ଯେ ।।
ତାହିଁ ଲୋମୋଦ୍‌ଗମ ଜନେ ଲୋମପାଦେ ବୋଲେ ।
ଜରତା ରତାରେ ଋଷ୍ୟଶୃଙ୍ଗ ଆସି ହେଲେ ଯେ ।।
ସେ ଦେଶରେ ବୃଷ୍ଟି କଲା ତୁଷ୍ଟି ହେଲେ ରାଜା ।
ଶାନ୍ତା କାନ୍ତା ଦେଇକରି କଲେ ଦିବ୍ୟ ପୂଜା ଯେ ।।
ଦଶରଥ ମନୋରଥ ସାର୍ଥ ହେବା ପାଇଁ ।
ସେ ମୁନିଙ୍କି ଘେନି ଗଲେ ରଥରେ ବସାଇ ଯେ ।।
ଚାରୁ ଚରୁ ସ୍ୱରୂପେ ହୋଇଲେ ପଦ୍ମନାଭ ।
କଉଶଲ୍ୟା କୈକେୟୀ ସୁମିତ୍ରା ଭକ୍ଷି ଜବ ଯେ ।।
ଅଭିରାମ ଶ୍ରୀରାମ ଭରତ ଶୁଭରତ ।
ସୁଲକ୍ଷଣ ଲକ୍ଷ୍ମଣ ଶତ୍ରୁଘ୍ନ ହେଲେ ଜାତ ଯେ ।।
କ୍ରତୁ ରକ୍ଷା ହେତୁ ବିଶ୍ୱାମିତ୍ର ଆସିନେଲେ ।
ବନେ ତାଡ଼କୀ ଶମନଭୁବନେ ପେଷିଲେ ଯେ ।।
ସୁବାହୁ ସୁବାହୁ ତଳେ ମାରି ମାରୀଚକୁ ।
ଆକାଶରେ ଶରେ ଉଡ଼ାଇଲେ ଯେ ଯଶକୁ ଯେ ।।
ପଥରେ ପଥରେ ନାରୀ କରି କଲେ ମୋଦ ।
ଦାସ ବତ୍ସଳ ଦାସରେ ଧୁଆଇଲେ ପଦ ଯେ ।।

ଖଣ୍ଡପରଶୁକୋଦଣ୍ଡ ବେନି ଖଣ୍ଡ କରି ।
ସୀତା ବିବାହ ନିର୍ବାହ ନୃପଦର୍ପ ହରି ଯେ ।।
ବଜ୍ର ପରି ଭୃଗୁପତି ଭୃଗୁକୁ ଭେଦିଲେ ।
ଅଭିଷେକ କରିବା ମମତା ପିତା କଲେ ଯେ ।।
ମଛରାମଛନେ କାନ୍ତାନୁଜ ଘେନି ସଙ୍ଗେ ।
ବିଚିତ୍ର ଚିତ୍ରକୂଟରେ ବିହରିଲେ ରଙ୍ଗେ ଯେ ।।
ବକ୍ର କଲେ, ଶକ୍ରସୁତ ଚକ୍ର ନେତ୍ରରାଜି ।
ଭରତ ପ୍ରବୋଧି ସୁବୁଦ୍ଧିରେ ଗିରି ତେଜି ଯେ ।।
ବିରାୟୁଧେ ବୀରାୟୁଧେ ବଧ ବିଚାରିଲେ ।
ଅମଳାନବସ୍ତ୍ର ବ୍ରହ୍ମଶସ୍ତ୍ରକୁ ପାଇଲେ ଯେ ।।
ଦଣ୍ଡକାରଣ୍ୟକୁ ମଣ୍ଡି ସୂର୍ପଣଖା ଦଣ୍ଡି ।
ଖର ଖର ଦୂଷଣ ତ୍ରିଶିର ଶିର ଖଣ୍ଡି ଯେ ।।
ହେମସାରଙ୍ଗରଙ୍ଗରେ ଲଙ୍କା ଦଣ୍ଡଧାରୀ ।
ସୀତା ଶୀତାଂଶୁମୁଖୀକି ଉଟଜରୁ ହରି ଯେ ।।
ଫଳଦାନେ ମୋକ୍ଷଫଳ ଲଭିଲା ଶବରୀ ।
କ୍ଷୀରପାନେ ବରଂ-ବରଭରେ ବାଞ୍ଛା ପୂରି ଯେ ।।
କାମ କାମନାକୁ ମୁନି ଚିତ୍ତେ ଜନ୍ମାଇଲେ ।
ପମ୍ପାସରେ କୋକଶୋକକାରକ ହୋଇଲେ ଯେ ।।
ମିତ୍ରବଂଶୀ ମିତ୍ର ବସି ମିତ୍ରପୁତ୍ର ସଙ୍ଗେ ।
ଭେଦଶାଳ ଦୁନ୍ଦୁଭି ଅସ୍ଥିକି ଚାଳେ ଇଙ୍ଗେ ଯେ ।।
ଶାଖାମୃଗରାଜ ମୃଗରାଜ କୋଟିବଳ ।
ଶର ଶରଭରେ କଲେ ବିନାଶ ଚପଳ ଯେ ।।
ମାଲ୍ୟବନ୍ତ ଧରଣୀଧରରେ ପୁର ରଚି ।
ରଘୁବୀର ବିରହେ ବରଷାକାଳ ବଞ୍ଚି ଯେ ।।
କୁକ୍କୁଟକୁ ମୁକୁଟ ସେ ଗିରିକୂଟେ ଦେଇ
ଲଭି ବଲ୍ଲଭୀ ଉଦନ୍ତ ଦୂତ ପଠିଆଇ ଯେ ।।
ଜଳେ ସେତୁ କଲେ ଶିଳେ  ନଳେ ଦେଇ ଯଶ ।
ଲଙ୍କା ବେଢ଼ି ଶଙ୍କା କରାଇଲେ ଦୈତ୍ୟବଂଶ ଯେ ।।
ବିଷଧରପାଶ ତ୍ରାସ ନାଶ କଲା ବୀଶ ।
ଅନୀକିନୀ ଅନେକ ହୋଇଲେ ରଣେ ନାଶ ଯେ ।।
ଘଟକର୍ଣ୍ଣ ଘଟତ୍ୟାଗ ଅତିକାୟ କ୍ଷୟ ।
ପୁରୁହୂତଜିତ ହତ ବ୍ରହ୍ମାସ୍ତ୍ର ଉଦୟ ଯେ ।।
ହନୁମାନ ଗନ୍ଧମାର୍ଦନ ଗମନ ଲୀଳା ।
ଭରତ ଉଦନ୍ତ ପ୍ରାପ୍ତ ଲକ୍ଷ୍ମଣ ଜୀଇଁଲା ଯେ ।।

ଶ୍ରୀରାମଚନ୍ଦ୍ର ନରେନ୍ଦ୍ର ଶର ସର୍ପ ନେଇ ।
ଲଙ୍କପତି ଅଙ୍କପେଟି ଭିତରେ ପୂରାଇ ଯେ ।।
ଅଭୀଷଣ ବିଭୀଷଣେ ଅଭିଷେକ କରି ।
ବଇଦେହୀ ଦହି ଅନଳରେ ହେମ ପରି ଯେ ।।
ପୁଷ୍ପକରେ ପୁଷ୍ପରେ ସବଳେ କଲେ ଗତି ।
ଯୋଦ୍ଧାବର ଅଯୋଧ୍ୟାରେ ହୋଇଲେ ନୃପତି ଯେ ।।
ଦେଖାଉଁ ଦେଖାଉଁ ରାମାୟଣ ମହୋତ୍ସବ ।
ଚନ୍ଦ୍ରବଦନୀକି ଦେଖାଇଲା ଅନ୍ୟଭାବ ଯେ ।।
କର୍ଣ୍ଣାଟରାଜନନ୍ଦନ ରାମ ଆଗେ ଉଭା ।
ବିଶ୍ୱମ୍ଭର ଆଗେ ବିଶ୍ୱକେତୁ ଯଥା ଶୋଭା ଯେ ।।
କୁମାରୀକି ଶୁଭୁଛି ଏମନ୍ତ ଜଣାଉଛି ।
ଆନବରେ ମୋର ପ୍ରୟୋଜନ ନାହିଁ କିଛି ଯେ ।।
ହେ ରାମ ଶ୍ୟାମ ସୁନ୍ଦର ଅଛ ଦର୍ଭ କରି ।
ସୁଗ୍ରୀବକୁ ତାରା ବିଭୀଷଣେ ମନ୍ଦୋଦରୀ ଯେ ।।
ଲାବଣ୍ୟବତୀ ଯୁବତୀ ଶିରୋମଣି ମୋର ।
ମନୋହାରୀ ହୋଇବ ଏମନ୍ତ କୃପା କର ହେ ।।

ସୂଚନା :

ଶଂସିତ କବିତାଟି କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ''ଲବଣ୍ୟବତୀ'' କାବ୍ୟର ଏକ ଅଂଶବିଶେଷ । ଏଥିରେ ପ୍ରତ୍ୟକ୍ଷ ଭାବରେ ଅଯୋଧ୍ୟାଧିପତି ରାମଚନ୍ଦ୍ରଙ୍କ ଚିନ୍ମୟ ଚରିତ ଚିତ୍ରିତ ହେବା ସହିତ ପରୋକ୍ଷ ଭାବରେ କାବ୍ୟ ନାୟକ- କର୍ଣ୍ଣାଟ ରାଜସୁତ ଚନ୍ଦ୍ରଭାନୁ ଓ ସିଂହଳ ରାଜସୁତା ଲାବଣ୍ୟବତୀଙ୍କର ପାରସ୍ପରିକ ଆତ୍ମିକ ଆକର୍ଷଣ ଓ ଅନନ୍ୟ ଅନୁରକ୍ତି ବର୍ଣ୍ଣିତ ହୋଇଅଛି । କବିତାର କେତେକପଦ ଯମକ ଅଳଂକାରରେ ଯେପରି ଶ୍ରୁତି ମଧୁର, ରମଣୀୟ ରାମକଥାରେ ସେହିପରି ଭାବ

ଐନ୍ଦ୍ରଜାଳିକ – ଇନ୍ଦ୍ରଜାଲ ବା ଯାଦୁବିଦ୍ୟା ପ୍ରଦର୍ଶନକାରୀ । (ଲାବଣ୍ୟବତୀକୁ ନିଜ ପ୍ରତି ଆକର୍ଷଣ କରିବା ପାଇଁ ଚନ୍ଦ୍ରଭାନୁ ଦ୍ୱାରା ପ୍ରେରିତ ଯାଦୁକର)

ବଡ଼ଭୀ – ଚନ୍ଦ୍ରଶାଳା-ପ୍ରାସାଦ ଉପରେ ନିର୍ମିତ ସୁଶୋଭିତ କ୍ଷୁଦ୍ର ଗୃହ ଯେଉଁଠାରେ ଏକାନ୍ତରେ ବସି ଚତୁର୍ଦ୍ଦିଗର ଦୃଶ୍ୟ ଉପଭୋଗ କରାଯାଏ ।

ବଡ଼ ବଡ଼ଭୀ ମସ୍ତକ ମଣ୍ଡିଲା କୁମାରୀ – ଉଚ୍ଚ ପ୍ରାସାଦ ଉପରେ ଲାବଣ୍ୟବତୀ ବସିଲା ।

ସହଚରୀ – ସଖୀ

କରୀନ୍ଦ୍ରଗତି – ଗଜରାଜ ପରି ଗତି କରୁଥିବା ନାରୀ

ପାଞ୍ଚ – ପାଞ୍ଚିବା, ଇଚ୍ଛା, କାମନା

କାମ – କାମନା, ଅନ୍ୟ ଅର୍ଥ-କନ୍ଦର୍ପ, କାର୍ଯ୍ୟ

ଜାଲିକ – ଯାଦୁକର

ଲୋମୋଦ୍‌ଗମ– ରୋମ ଟାଙ୍କୁରି ଉଠିବା

ଲୋମପାଦ – ଭିନ୍ନ ଏକ ସୂର୍ଯ୍ୟବଂଶୀ ରାଜା ଯିଏ ଦଶରଥଙ୍କର ବନ୍ଧୁ ଥିଲେ । (ଲୋମପାଦ ରାଜାଙ୍କ ରାଜ୍ୟରେ ୧୨ବର୍ଷ ଅନାବୃଷ୍ଟି ହେତୁ ଅତ୍ୟଧିକ ଭୟ ଓ ଆତଙ୍କରେ ପ୍ରଜାମାନଙ୍କର ରୋମ ଟାଙ୍କୁରି ଉଠିଥିଲା ।)

ଜରତା - ଲୋମପାଦଙ୍କ ରାଜ୍ୟର ଜଣେ ଜନମନୋରଞ୍ଜନକାରିଣୀ ଅନିନ୍ଦ୍ୟ ସୁନ୍ଦରୀ ନାରୀ ।

ରତାରେ - ଅନୁରକ୍ତି, ଅନୁରାଗ ବା ଆକର୍ଷଣରେ ।

ଋଷ୍ୟଶୃଙ୍ଗ - ବିଖ୍ୟାତ ବିଭାଣ୍ଡକ ଋଷିଙ୍କର ପୁତ୍ର ଯିଏ ନାରୀ ମୁଖ ଦର୍ଶନ କରି ନଥିବା ବ୍ରହ୍ମତେଜା ଋଷି ଥିଲେ । (ଜରତା ନିଜର ଅନିନ୍ଦ୍ୟ ସୌନ୍ଦର୍ଯ୍ୟରେ ତାଙ୍କୁ ବଶୀଭୂତ କରି କୌଶଳ କ୍ରମେ ନଦୀ ପଥରେ ନେଇ ଆସିବାରୁ ଲୋମପାଦଙ୍କ ରାଜ୍ୟରେ ବର୍ଷା ହୋଇଥିଲା । ମହାରାଜ ଦଶରଥ ଏଥିରେ ପ୍ରୀତ ହୋଇ ତାଙ୍କର ଏକମାତ୍ର କନ୍ୟା ଶାନ୍ତାଙ୍କୁ ଋଷ୍ୟଶୃଙ୍ଗଙ୍କ ସହ ବିବାହ କରାଇଥିଲେ । ପରବର୍ତ୍ତୀ କାଳରେ ସେ ସେହି ଋଷିଙ୍କ ଦ୍ୱାରା ପୁତ୍ରେଷ୍ଟି ଯଜ୍ଞ କରାଇ ଚାରିପୁତ୍ର ଲାଭ କରିଥିଲେ ।)

ତୁଷ୍ଟି - ତୋଷ, ସନ୍ତୋଷ, ଆନନ୍ଦ

ଚାରୁ - ସୁନ୍ଦର, କମନୀୟ, ଲଳିତ, ସୁକୁମାର

ଚରୁ - ଦେବତାଙ୍କ ଭୋଜ୍ୟ, ଯଜ୍ଞର ପାୟସାନ୍ନ ଅର୍ଥାତ୍ କ୍ଷୀରରେ ଓ ଘୃତରେ ରନ୍ଧାଯାଇ ଯେଉଁ ଅନ୍ନ ଯଜ୍ଞ ଶେଷରେ ଦେବତାଙ୍କୁ ଅର୍ପଣ କରାଯାଏ ।

ପଦ୍ମନାଭ - ବିଷ୍ଣୁ

ଜବ - ବେଗ, ଶୀଘ୍ର, ଚଞ୍ଚଳ

ଶୁଭରତ - ଶୁଭରେ ରତ ଯେଉଁ ପୁରୁଷ

ସୁଲକ୍ଷଣ - ଯାହାଙ୍କ ଅଙ୍ଗରେ ଭଲ ଲକ୍ଷଣମାନ ଥାଏ

ରାମ - ଦଶରଥ ତଥା କୌଶଲ୍ୟାଙ୍କ ନନ୍ଦନ । ଶାବ୍ଦିକ ଅର୍ଥ- ସୌନ୍ଦର୍ଯ୍ୟ, ମନୋହର, ରମଣୀୟ ।

ଭରତ - କୈକେୟୀଙ୍କ ପୁତ୍ର ତଥା ଦଶରଥଙ୍କ ଦ୍ୱିତୀୟ ପୁତ୍ର ।

ଲକ୍ଷ୍ମଣ - ସୁଲକ୍ଷଣଯୁକ୍ତ ପୁରୁଷ, ସୁମିତ୍ରାଙ୍କ ବଡ଼ପୁଅ ।

ଶତ୍ରୁଘ୍ନ - ସୁମିତ୍ରାଙ୍କ କନିଷ୍ଠ ତଥା ଦଶରଥଙ୍କ ଚତୁର୍ଥ ପୁତ୍ର । (ଶତ୍ରୁହନ୍ତା ବା ଶତ୍ରୁଦମନକାରୀ)

କ୍ରତୁ - ଯଜ୍ଞ

ବିଶ୍ୱାମିତ୍ର - କ୍ଷତ୍ରିୟ ରାଜାରୁ ବ୍ରହ୍ମର୍ଷି ହୋଇଥିବା ଋଷି ଓ ଗାୟତ୍ରୀ ମନ୍ତ୍ରର ସ୍ରଷ୍ଟାପୁରୁଷ

ତାଡ଼କୀ - ସୁକେତୁ ନାମକ ଯକ୍ଷଙ୍କର କନ୍ୟା ଓ ସୁନ୍ଦଙ୍କର ସୁନ୍ଦରୀ ଯକ୍ଷିଣୀ ପତ୍ନୀ ତଥା ସୁବାହୁ ଓ ମାରୀଚଙ୍କ ମାତା । ଅଗସ୍ତିମୁନି କ୍ରୋଧରେ ସୁନ୍ଦଙ୍କୁ ହତ୍ୟା କରିବାରୁ ତା'ର ପ୍ରତିଶୋଧ ପାଇଁ ମାତା ଓ ପୁତ୍ରମାନେ ଅଗସ୍ତିଙ୍କୁ ଆକ୍ରମଣ କରିବାରୁ ତାଙ୍କ ଅଭିଶାପରେ ସମସ୍ତେ ରାକ୍ଷସ ରାକ୍ଷସୀ ହୋଇଗଲେ । କ୍ରୋଧ ଜର୍ଜରିତ ମାତା ଓ ପୁତ୍ରମାନେ ବ୍ରାହ୍ମଣ ଋଷିମାନଙ୍କୁ ହତ୍ୟା କରିବା ପାଇଁ ଦଣ୍ଡକାରଣ୍ୟରେ ଥିଲେ । ବିଶ୍ୱାମିତ୍ର ରାମ ଲକ୍ଷ୍ମଣଙ୍କ ଦ୍ୱାରା ତାଡ଼କୀ ବଧ କରାଇଥିଲେ ଓ ପରେ ସୁବାହୁ ତଥା ମାରୀଚଙ୍କୁ ମରାଇଥିଲେ ।

ଶମନଭୁବନ - ଯମାଳୟ, ମୃତ୍ୟୁଲୋକ

ସୁବାହୁ - ସୁନ୍ଦର ସୁଦୀର୍ଘ ବାହୁ ଶୋଭିତ ପୁରୁଷ (ଏଠାରେ ରାମଚନ୍ଦ୍ର)

ସୁବାହୁତଳେ - ତାଡ଼କୀପୁତ୍ର ସୁବାହୁ ରାକ୍ଷସର ବାହୁ ଛେଦନ କରି ରାମ ଭୂମି ତଳେ ପୋତି ଦେଇଥିଲେ ।

ମାରୀଚ - ତାଡ଼କୀର ଦ୍ୱିତୀୟ ପୁତ୍ର ମାରୀଚ ଯିଏ କି ସୁନାହରିଣ ହୋଇ ସୀତାଙ୍କୁ ପ୍ରଲୁବ୍ଧ କରିଥିଲା ।

ପଥରେ - ବାଟରେ

ପଥରେ - ପଥର ହୋଇଯାଇଥିବା (ସ୍ୱାମୀ ଗୌତମ ଋଷିଙ୍କ ଅଭିଶାପରେ ପଥର ପାଲଟି ଥିବା ଅହଲ୍ୟା)

ମୋଦ - ଆନନ୍ଦ



PS-11/05/11

ଦାସବତ୍ସଳ – ସେବକ ବା ଭକ୍ତକୁ ଯିଏ ସନ୍ତାନ ସଦୃଶ ସ୍ନେହ କରେ, ଭକ୍ତପ୍ରେମୀ (ଏଠାରେ–ଶ୍ରୀରାମ)

ଖଣ୍ଡପରଶୁ – ଶିବ

କୋଦଣ୍ଡ – ଧନୁ, ଶ୍ରୀରାମଙ୍କ ଧନୁକୁ କୋଦଣ୍ଡ କୁହାଯାଏ ।

ନିର୍ବାହ – ସଂପାଦନ, କାର୍ଯ୍ୟ ସମାପ୍ତ କରିବା

ନୃପଦର୍ପହରି – ରାମଚନ୍ଦ୍ର ଶିବ ଧନୁ ଭଗ୍ନ କରି ଅନ୍ୟ ନୃପ ବା ରାଜାମାନଙ୍କର ଦର୍ପ ବା ଗର୍ବହରଣ କରିଥିଲେ ।

ବଜ୍ର – ଦଧୀଚି ଋଷିଙ୍କ କଙ୍କାଳରେ ନିର୍ମିତ ଇନ୍ଦ୍ରଙ୍କର ଅସ୍ତ୍ର

ଭୃଗୁପତି – ପର୍ଶୁରାମ

ଭୃଗୁ – ପର୍ବତ ଶୃଙ୍ଗ ବା ପର୍ବତର ଢାଲୁ ଅଂଶ (ସୀତାଙ୍କୁ ବିବାହ କରି ଅଯୋଧ୍ୟା ପ୍ରତ୍ୟାଗମନ କାଳରେ ରାମ ଅହଂକାରୀ ପର୍ଶୁରାମଙ୍କ ଗର୍ବ ଖର୍ବ କରି ତାଙ୍କଠାରୁ ଧନୁ ନେଇଥିଲେ । ବଜ୍ରାଘାତରେ ଗିରିଶୃଙ୍ଗ ଧ୍ୱଂସ ହେଲାପରି ଶ୍ରୀରାମଙ୍କ ଶକ୍ତି ସତେ ଯେପରି ପର୍ଶୁରାମଙ୍କ ଦର୍ପରୂପକ ଭୃଗୁ ବା ଶୃଙ୍ଗକୁ ଧ୍ୱଂସ କରିଦେଲା ।)

ମନ୍ଥରା – କୈକେୟୀଙ୍କ ଅତି ବିଶ୍ୱସ୍ତା ବୁଦ୍ଧିମତୀ ଦାସୀ । ବିବାହ ପରେ କୈକେୟୀଙ୍କ ସହିତ ତାକୁ କେକୟ ରାଜା ପଠାଇଥିଲେ ।

କାନ୍ତାନୁଜ – ସ୍ତ୍ରୀ ଓ ସାନଭାଇ (ସୀତା ଓ ଲକ୍ଷ୍ମଣ)

ଚିତ୍ରକୂଟ – ଅଯୋଧ୍ୟାର ଦକ୍ଷିଣସ୍ଥ ଚିତ୍ରକୂଟ ପର୍ବତମାଳା

ଶକ୍ରସୁତ – ଇନ୍ଦ୍ରଙ୍କ ସୁତ ବା ପୁଅ – ଜୟନ୍ତ

ନେତ୍ରରାଜି – ନେତ୍ର ବା ଆଖିଗୁଡ଼ିକ (ଚିତ୍ରକୂଟ ବନବାସ କାଳରେ ସୀତା ମୃଗମାଂସ ଶୁଖାଉଥିବା ସମୟରେ ଇନ୍ଦ୍ରଙ୍କର ପୁତ୍ର ଜୟନ୍ତ କୁଆ ରୂପରେ ଆସି ମାଂସ ଅପହରଣ କରିବାକୁ ଉଦ୍ୟତ ହୁଅନ୍ତେ ସୀତା ତାକୁ ଘଉଡ଼ାଇବାରୁ ସେ ଚଞ୍ଚୁ ନଖରେ ଆଘାତ କରି ତାଙ୍କୁ ରକ୍ତାକ୍ତ କଲା । ଚିତ୍କାର ଶୁଣି ରାମଚନ୍ଦ୍ର କୁଆକୁ ଶର ମାରିବାକୁ ଉଦ୍ୟତ ହୁଅନ୍ତେ ସେ ପ୍ରାଣଭିକ୍ଷା କଲା ଓ ରାମ ଶାନ୍ତ ହୋଇ ତାକୁ ବିନାଶ ନ କରି କୁଆର ଦୃଷ୍ଟିକୁ କେବଳ ବକ୍ର ବା ବଙ୍କା କରିଦେଲେ ।)

ପ୍ରବୋଧି – ପ୍ରବୋଧନା ବା ସାନ୍ତ୍ୱନା ଦେଇ, ବୁଝାଇ

ବୀରାୟୁଧ – ଏକ ରାକ୍ଷସ । ଏହାର ଅନ୍ୟନାମ ବିରାଧ (ଏହାର ପିତା ଗନ୍ଧର୍ବ ସୁପର୍ଜନା ଓ ମାତା ଶତହ୍ରଦ । ଦୁର୍ବାସା ଋଷିଙ୍କ ଅଭିଶାପରେ ସେ ରାକ୍ଷସ ପାଲଟି ଦଣ୍ଡକାରଣ୍ୟରେ ଋଷିମାନଙ୍କୁ କଷ୍ଟ ଦେଉଥିଲା ।

ଆୟୁଧ – ଯୁଦ୍ଧାସ୍ତ୍ର, ଅସ୍ତ୍ରଶସ୍ତ୍ର, ହତିଆର

ବୀରାୟୁଧେ(୧ମ)– ବୀରର ଆୟୁଧ ବା ଅସ୍ତ୍ରରେ (ରାମଚନ୍ଦ୍ର)

ବୀରାୟୁଧେ(୨ୟ)– ବୀରାୟୁଧ ରାକ୍ଷସକୁ

ଅମଳାନବସ୍ତ୍ର – (ଅମ୍ଳାନ ବସ୍ତ୍ର) କେବେ ମଳିନ ବା ଅପବିତ୍ର ନ ହେବା ବସ୍ତ୍ର । (ରାମ ଲକ୍ଷ୍ମଣ ସୀତା ଅତ୍ରିଋଷି ଓ ତାଙ୍କ ପତ୍ନୀ ଅନସୂୟାଙ୍କୁ ଦର୍ଶନ କରିବା କାଳରେ ଅନସୂୟା ସୀତାଙ୍କୁ ଅମ୍ଳାନ ବସ୍ତ୍ର ଓ ଅତ୍ରି ଶ୍ରୀରାମଙ୍କୁ ବ୍ରହ୍ମାସ୍ତ୍ର ଉପହାର ଦେଇଥିଲେ ।)

ଦଣ୍ଡକାରଣ୍ୟ – ଓଡ଼ିଶାର କୋରାପୁଟ ଜିଲ୍ଲାରେ ଥିବା ଘନ ଜଙ୍ଗଲ ।

ସୂର୍ପଣଖା – ଲଙ୍କାର ରାଜା ରାବଣର ଭଉଣୀ । ତା'ର ନଖ ସୂର୍ପ ବା କୁଲା ପରି ହୋଇଥିବାରୁ ତାର ନାମ ଏହିପରି ହୋଇଥିଲା । (ତା'ର ସ୍ୱାମୀକୁ ଭୁଲକ୍ରମେ ରାବଣ ମାରି ଦେଇଥିଲା ଓ ତାକୁ ରହିବା ପାଇଁ ଦଣ୍ଡକାରଣ୍ୟ ଛାଡ଼ିଦେଇଥିଲା । ସେ ପ୍ରଥମେ ଲକ୍ଷ୍ମଣ ଓ ପରେ ରାମଙ୍କୁ ସ୍ୱାମୀ ରୂପେ ପାଇବା ପାଇଁ ଇଚ୍ଛା କରି ନିରାଶ ହେବାରୁ ସୀତାଙ୍କୁ ଆକ୍ରମଣ କଲା ଓ ରାମଙ୍କ ଆଦେଶରେ ଲକ୍ଷ୍ମଣ ତା'ର ନାକ କାନ କାଟି ଦେଇଥିଲେ ।)

| | | |
|---|---|---|
| ଖର | – | ପ୍ରଖର, ଚଞ୍ଚଳ, କ୍ଷିପ୍ର, ଉଗ୍ର। ଅନ୍ୟ ଅର୍ଥ – ଗଧ । |
| ଖର ଦୂଷଣ | – | ଦୁଇ ରାକ୍ଷସ ଭାଇ ତଥା ରାବଣର ଅନୁଚର |
| ତ୍ରିଶିର | – | ତିନି ମୁଣ୍ଡ ବିଶିଷ୍ଟ ଏକ ରାକ୍ଷସ ( ସେ ରାବଣର ଅନୁଚର ଥିଲା ଏବଂ ତା' ଆଦେଶରେ ସେ ଋଷିମାନଙ୍କ ଯଜ୍ଞ ତଥା ଆଶ୍ରମ ଧ୍ୱଂସ କରୁଥିଲା । ରାମ ଶେଷରେ ତାକୁ ବଧ କରିଥିଲେ ।) |
| ଶିର ଖଣ୍ଡି | – | ଶିର ଖଣ୍ଡନ କରି ବା ଶିର ଛେଦନ କରି । |
| ସାରଙ୍ଗ | – | ଏଠାରେ ଏହାର ଅର୍ଥ – ମୃଗ । (ଅନ୍ୟ ଅର୍ଥ – ଆକାଶ, ଜଳ, ବୃକ୍ଷ, ସୂର୍ଯ୍ୟ ପ୍ରଭୃତି ।) |
| ହେମସାରଙ୍ଗ ରଙ୍ଗରେ | – | ସୂର୍ପଣଖାର ନାସାକର୍ଣ୍ଣ ଛେଦନ ଜନିତ ଦଣ୍ଡର ପ୍ରତିଶୋଧ ପାଇଁ ରାବଣ ମାରୀଚକୁ ପ୍ରେରଣ କରିଥିଲା । ସେ ସୁନା ହରିଣ ପାଲଟି ଛଳନାରେ ସୀତାଙ୍କର ଦୃଷ୍ଟି ଆକର୍ଷଣ କରିବା ପାଇଁ ପତ୍ରକୁଡ଼ିଆ ସମ୍ମୁଖରେ କ୍ରୀଡ଼ା କରିଥିଲା । ତାକୁ ଲୋଭ କରି ଧରି ଆଣିବାକୁ ସୀତା ରାମଙ୍କୁ ଅନୁରୋଧ କରନ୍ତେ ପ୍ରଥମେ ରାମ ଓ ପରେ ଲକ୍ଷ୍ମଣ ଦୂରକୁ ଚାଲିଯିବାରୁ ସେହି ସୁଯୋଗରେ ରାବଣ ସୀତାଙ୍କୁ ଅପହରଣ କରିନେଲା । |
| ଦଣ୍ଡଧାରୀ | – | ଦଣ୍ଡ ବା ରାଜଦଣ୍ଡ ଧାରଣକାରୀ ରାଜା |
| ଶୀତାଂଶୁ | – | ଶୀତଳ କିରଣ ପ୍ରଦାନକାରୀ ଚନ୍ଦ୍ର |
| ଶୀତାଂଶୁମୁଖୀ | – | ଚନ୍ଦ୍ରମୁଖୀ (ପରମାସୁନ୍ଦରୀ) |
| ଉଟଜ | – | ପତ୍ରକୁଡ଼ିଆ |
| ହରି | – | ଏଠାରେ କ୍ରିୟାରୂପ- ହରଣ କରି, (ଅନ୍ୟଅର୍ଥ-ବିଷ୍ଣୁ, ସିଂହ, ଅଶ୍ୱ, ବାୟୁ, କୋକିଳ ପ୍ରଭୃତି |
| ଶବରୀ | – | ଏକ ଶବରୀ ଶ୍ରୀରାମଙ୍କୁ ଅରଣ୍ୟରେ ଫଳ ଖୁଆଇ ତୃପ୍ତ କରିବା ଦ୍ୱାରା ମୋକ୍ଷଲାଭ କରିଥିଲା । |
| ବର-ବରଜ୍ଜରେ | – | ବରଜ- ବ୍ରଜ (ଗୋପାଳ), ଚିତ୍ରକୂଟରେ ବନବାସ କରୁଥିବା ସମୟରେ ଜନୈକ ଗୋପାଳ ତାଙ୍କୁ କ୍ଷୀର ପାନ କରାଇଥିବାରୁ ଶ୍ରୀରାମ ତା'ର ମନୋବାଞ୍ଛା ପୂର୍ଣ୍ଣ କଲେ । ସେ ଶ୍ରୀରାମଙ୍କ ପରି ପୁତ୍ରଟିଏ କାମନା କରିଥିବାରୁ ଦ୍ୱାପର ଯୁଗରେ ଶ୍ରୀରାମ କୃଷ୍ଣ ରୂପେ ତା'ର ଅର୍ଥାତ୍ ନନ୍ଦଗୋପାଳର ପୁତ୍ର ହେଲେ । |
| ପମ୍ପାସର | – | ଦାକ୍ଷିଣାତ୍ୟର ଏକ ପ୍ରସିଦ୍ଧ ବିଶାଳ ସରୋବର |
| କୋକ | – | ଚକ୍ରବାକ, ରଥାଙ୍ଗ |
| ଶୋକ କାରକ | – | ଦୁଃଖର କର୍ତ୍ତା ଅର୍ଥାତ୍ ଶୋକ ପ୍ରଦାନକାରୀ (ପମ୍ପାସରୋବର ତୀରରେ ଅବସ୍ଥାନ କାଳରେ ଦିନେ ରାତିରେ ପତ୍ନୀବିରହବିଧୁର ରାମଚନ୍ଦ୍ର ଶୋକତାପ ପରିହାର ନିମନ୍ତେ ଚକ୍ରବାକ ଦମ୍ପତିଙ୍କୁ ପାଖକୁ ଡାକିଲେ ମାତ୍ର ସେ ଦୁହେଁ ପରସ୍ପର ପ୍ରେମାଳାପରେ ମାତି ରାମଙ୍କ କଥାକୁ କର୍ଣ୍ଣପାତ କଲେ ନାହିଁ । ତେଣୁ ରାମଚନ୍ଦ୍ର ଅଭିଶାପ ଦେଇଥିଲେ ଯେ ସେମାନଙ୍କର ଦିନରେ କେବଳ ମିଳନ ହେବ ମାତ୍ର ରାତିରେ ବିଚ୍ଛେଦ ହେବ ।) |
| ମିତ୍ରପୁତ୍ର | – | ସୁଗ୍ରୀବ (ଗୌତମ ଋଷିଙ୍କ ଅନିନ୍ଦ୍ୟସୁନ୍ଦରୀ ପତ୍ନୀ ଅହଲ୍ୟା ଇନ୍ଦ୍ରଙ୍କଠାରୁ ବାଳୀ ଓ ସୂର୍ଯ୍ୟଙ୍କଠାରୁ ସୁଗ୍ରୀବ ପୁତ୍ରଙ୍କୁ ଜନ୍ମ ଦେଇଥିଲେ । ସେମାନେ ଗୌତମଙ୍କ ଅଭିଶାପରୁ ମାଙ୍କଡ଼ ହୋଇଥିଲେ, ଅହଲ୍ୟା ପଥର ହୋଇଯାଇଥିଲେ । ରାମଚନ୍ଦ୍ର ରାଜ୍ୟହରା ସୁଗ୍ରୀବଙ୍କ ସହ ମିତ୍ରତା କରିଥିଲେ ।) |
| ଭେଦଶାଳ | – | (ବାଳୀ ପୃଥିବୀମାତାଙ୍କ ଅନୁରୋଧରେ ତା' ବଳର ଅର୍ଦ୍ଧାଂଶ ସାତଟି ଶାଳ ବୃକ୍ଷରେ ରଖିଥିଲା । |
| ଇଙ୍ଗେ | – | ଇଙ୍ଗିତରେ |

ଦୁନ୍ଦୁଭି - ଦୁନ୍ଦୁଭି ଏକ ଭୟାନକ ରାକ୍ଷସ ଥିଲା । ଇନ୍ଦ୍ର ତାହାକୁ ବଧ କରିବା ପରେ ତା'ର ପର୍ବତାକାର ଅସ୍ଥି ପଡ଼ିରହିଥିଲା । ପରେ ଏହି ଅସ୍ଥିରୁ ଦେବତାମାନଙ୍କ ବୀରବାଦ୍ୟ ଦୁନ୍ଦୁଭି(ନାଗରା) ନିର୍ମିତ ହୋଇଥିଲା । ବାଳୀ ବଧ ପୂର୍ବରୁ ରାମଙ୍କ ଶକ୍ତି ପରୀକ୍ଷା ପାଇଁ ସୁଗ୍ରୀବ ପ୍ରଥମେ ସପ୍ତଶାଳ ବୃକ୍ଷ ଛେଦିବାକୁ ଓ ପରେ ଦୁନ୍ଦୁଭି ଅସ୍ଥି ଫିଙ୍ଗିବାକୁ କହିଥିଲା । ରାମଚନ୍ଦ୍ର ସପ୍ତଶାଳ ଛେଦନ କରି ଦୁନ୍ଦୁଭି ଅସ୍ଥିକୁ ଅକ୍ଳେଶରେ ବାମ ପାଦରେ ଫିଙ୍ଗିଦେଇଥିଲେ ।

ଶାଖାମୃଗ - ବାନର ବା ମର୍କଟ

ଶାଖାମୃଗରାଜ - ବାନରରାଜ । ଏହା ସୁଗ୍ରୀବର ବଡ଼ଭାଇ କିଷ୍କିନ୍ଧା ରାଜା ବାଳୀକୁ ବୁଝାଉଅଛି ।

ମୃଗରାଜ - ସିଂହ

ଶରଭ - ସିଂହଠାରୁ ଶତଗୁଣ ଶକ୍ତିଶାଳୀ ଅଷ୍ଟପାଦ ବିଶିଷ୍ଟ ଏକ ଭୟାନକ ବନ୍ୟପଶୁ ବିଶେଷ

ଚପଳ - ଚଞ୍ଚଳ (ରାମଚନ୍ଦ୍ର ଶତକୋଟି ସିଂହବଳ ବିକ୍ରମୀ ବାଳୀକୁ ଶର ରୂପକ ଅଷ୍ଟପଦୀ ଶରଭରେ ଶୀଘ୍ର ବିନାଶ କଲେ ।)

ମାଲ୍ୟବନ୍ତ - ଦକ୍ଷିଣ ଓଡ଼ିଶାର ପ୍ରସିଦ୍ଧ ପର୍ବତମାଳା ।

ଧରଣୀଧର - ପର୍ବତ

କୁକ୍କୁଟକୁ ମୁକୁଟ - ଶ୍ରୀରାମଚନ୍ଦ୍ର ସାନ ଭାଇ ଲକ୍ଷ୍ମଣଙ୍କ ସହିତ ମାଲ୍ୟବନ୍ତ ପର୍ବତରେ ଅବସ୍ଥାନ କରୁଥିଲାବେଳେ ଗୋଟିଏ କୁକୁଡ଼ାକୁ ସୀତାଙ୍କ ସଂବାଦ ପଚାରିଲେ । କୁକୁଡ଼ାଟି ଦକ୍ଷିଣ ଦିଗକୁ ମୁହଁ କରି ରାବି ସଂକେତ ଦେଲା । ଶ୍ରୀରାମ ଖୁସି ହୋଇ ତା' ମୁଣ୍ଡରେ ସୁନ୍ଦର ଚୂଳ କରିଦେଲେ । ତାହାହିଁ ତାର ମୁକୁଟ ସଦୃଶ ।

ଉଦନ୍ତ - ବାର୍ତ୍ତା, ଖବର, ସମ୍ବାଦ, ସମାଚାର

ନଳ - ରାମଙ୍କ ସାହାଯ୍ୟକାରୀ ଜଣେବାନର(ସେ ବାଲ୍ୟକାଳରେ ତା'ର ଆଶ୍ରୟଦାତା ଋଷିମାନଙ୍କ ବ୍ୟବହାର୍ଯ୍ୟ ସାମଗ୍ରୀ ପାଣିରେ ପକାଇ ଦେଉଥିଲା । ଋଷି ବର ଦେଇଥିଲେ ଯେ ସେ ଯାହାକୁ ଛୁଇଁବ ତାହା ଜଳରେ ନ ବୁଡ଼ି ଭାସିବ । ରାମଚନ୍ଦ୍ର ସେତୁ ବନ୍ଧର ପ୍ରତିଟି ଶିଳାକୁ ତା' ହାତରେ ଛୁଆଁଇ ବନ୍ଧ ବାନ୍ଧିଥିଲେ ଏବଂ ନଳ ଏଥିପାଇଁ ଯଶସ୍ୱୀ ହୋଇଥିଲା ।

ବୀଶ - ଗରୁଡ଼ (ରାବଣ ପୁତ୍ର ଇନ୍ଦ୍ରଜିତ ରାମ ଲକ୍ଷ୍ମଣଙ୍କୁ **ନାଗଫାଶ** ବନ୍ଧନରେ ବନ୍ଦୀ କରିଥିଲା । ଗରୁଡ଼ ଆସିବାରୁ ନାଗମାନେ ଭୟରେ ପଳାୟନ କଲେ ଓ ବନ୍ଧନ ଖୋଲିଗଲା ।)

ଅନୀକିନୀ - ସୈନ୍ୟଦଳ

ଘଟକର୍ଣ୍ଣ - କୁମ୍ଭକର୍ଣ୍ଣ- ରାବଣର ଭାଇ. (ତା'ର କାନ କୁମ୍ଭ ସଦୃଶ ହୋଇଥିବାରୁ ଏପରି ନାମ ଥିଲା । ସେ ଛ'ମାସ ସୁପ୍ତ ଓ ଛ'ମାସ ଜାଗ୍ରତ ରହୁଥିଲା ।)

ପୁରୁହୂତ - ଇନ୍ଦ୍ର

ପୁରୁହୂତଜିତ - ପୁରୁହୂତଙ୍କୁ ଜିଣିଥିବା ରାବଣପୁତ୍ର ଇନ୍ଦ୍ରଜିତ. ।

ଗନ୍ଧମାର୍ଦନ - ଗନ୍ଧମାର୍ଦନ ପର୍ବତ (ସଂଜ୍ଞାହୀନ ଲକ୍ଷ୍ମଣଙ୍କ ଆରୋଗ୍ୟ ପାଇଁ ରାମଭକ୍ତ ହନୁମାନ ବିଶଲ୍ୟକରଣୀ ଆଣିବା ପାଇଁ ଯାଇ ବିଶଲ୍ୟକରଣୀ ଚିହ୍ନି ନ ପାରିବାରୁ ଗନ୍ଧମାର୍ଦନ ପର୍ବତ ଉପାଡ଼ି ଆଣିଥିଲେ । ଆସିବା ବାଟରେ ଅଯୋଧ୍ୟାରେ ଭରତଙ୍କୁ ଶ୍ରୀରାମଙ୍କ ସମ୍ବାଦ ଦେଇଥିଲେ ।)

ନରେନ୍ଦ୍ର - ନରଶ୍ରେଷ୍ଠ ରାମଚନ୍ଦ୍ର

ଶର ସର୍ପ - ଶର ରୂପକ ସାପ

ଅଙ୍କପେଟି - କୋଳ ରୂପକ ପେଟିକା (ରାମଚନ୍ଦ୍ର ଶର ରୂପକ ସର୍ପକୁ ରାବଣର ଅଙ୍କ ରୂପକ ପେଟିକାରେ ପୁରାଇଦେଲେ ଅର୍ଥାତ୍ ରାବଣ ବିଶାକ୍ତ ଶରବିଦ୍ଧ ହୋଇମଲା ।)

| | | |
|---|---|---|
| ଅଭୀଷଣ | - | ଯିଏ ଭୀଷଣ ନୁହେଁ ଅର୍ଥାତ୍ ଶାନ୍ତ । |
| ବିଭୀଷଣ | - | ରାବଣର ଭାଇ ତଥା ମନ୍ତ୍ରୀ । (ସେ ସୀତାଙ୍କୁ ଫେରାଇ ଦେବାକୁ ସୁପରାମର୍ଶ ଦେଇ ରାବଣ ଦ୍ୱାରା ତିରସ୍କୃତ ଓ ବହିଷ୍କୃତ ହୋଇ ରାମଙ୍କ ଶରଣାପନ୍ନ ହେବା ସଂଗେ ସଂଗେ ତାଙ୍କୁ ରାବଣର ମୃତ୍ୟୁଭେଦ ବତାଇଥିଲା । ରାବଣର ମୃତ୍ୟୁପରେ ରାମ ତାଙ୍କୁ ଲଙ୍କାର ରାଜା ରୂପେ ଅଭିଷିକ୍ତ କରିଥିଲେ ।) |
| ପୁଷ୍ପକ | - | ଶୂନ୍ୟରେ ଗତି କରୁଥିବା ଦେବତାଙ୍କ ରଥ ବା ଯାନ |
| ପୁଷ୍କର | - | ଆକାଶ. (ଅନ୍ୟଅର୍ଥ - ଜଳ, ପଦ୍ମ, ହାତୀ ଶୁଣ୍ଢର ଅଗ୍ର, ଏକ ଦ୍ୱୀପର ନାମ) । |
| ବିଶ୍ୱମ୍ଭର | - | ବିଷ୍ଣୁ |
| ବିଶ୍ୱକେତୁ | - | ବିଷ୍ଣୁଙ୍କର ପୁତ୍ର କନ୍ଦର୍ପ |
| କୁମାରୀକୁ | - | ଏଠାରେ ଲାବଣ୍ୟବତୀକୁ ଐନ୍ଦ୍ରଜାଲିକ ରାମଚରିତ ଦେଖାଇଁ ଦେଖାଇଁ ବିଷ୍ଣୁଙ୍କ ଆଗରେ କନ୍ଦର୍ପ ଶୋଭା ପାଇବା ପରି ରାମଙ୍କ ଆଗରେ କର୍ଣ୍ଣାଟ ରାଜକୁମାର ଚନ୍ଦ୍ରଭାନୁ ବସି ଲାବଣ୍ୟବତୀକୁ ପାଇବା ପାଇଁ ପ୍ରାର୍ଥନା କରୁଥିବାର ଦୃଶ୍ୟ ଦେଖାଇଲା ।) |
| ଶ୍ୟାମସୁନ୍ଦର | - | ଏଠାରେ ନବଦୂର୍ବାଦଳକାନ୍ତି ରାମଚନ୍ଦ୍ରଙ୍କୁ ବୁଝାଉଅଛି । |
| ତାରା | - | କିଷ୍କିନ୍ଧା ରାଜ୍ୟର ବାନର ରାଜା ବାଳୀର ସ୍ତ୍ରୀ । ବାଳୀ ବଧ ପରେ ରାମଚନ୍ଦ୍ର ସେହି ସ୍ୱାମୀହୀନାକୁ ସୁଗ୍ରୀବଙ୍କ ସହ ବିବାହ କରାଇ ତା'ର ବୈଧବ୍ୟ ଦଶାରୁ ମୁକ୍ତ କରିଥିଲେ । |
| ମନ୍ଦୋଦରୀ | - | ରାବଣର ପାଟରାଣୀ । ସେ ମୟ ଦୈତ୍ୟର କନ୍ୟା ଥିଲେ । ଅନ୍ୟ ପୁରାଣ ଅନୁସାରେ ସେ ମନ୍ଦ ଓ ଉଦର ନାମଧାରୀ ଦୁଇ ଋଷିଙ୍କ କୃପାରୁ ଜାତ ହୋଇଥିଲେ । ରାବଣ ମୃତ୍ୟୁପରେ ଏହି ସ୍ୱାମୀହୀନାଙ୍କୁ ରାମଚନ୍ଦ୍ର ବିଭୀଷଣ ସହ ବିବାହ ଦେଇ ବୈଧବ୍ୟ ଦଶାମୁକ୍ତ କରିଥିଲେ । |
| ଯୁବତୀ ଶିରୋମଣି- | | ଯୁବତୀମାନଙ୍କର ଶିରୋମଣି -ଯୁବତୀଶ୍ରେଷ୍ଠା, ଶ୍ରେଷ୍ଠସୁନ୍ଦରୀ (ଏଠାରେ ଲାବଣ୍ୟବତୀ) |

## ପ୍ରଶ୍ନାବଳୀ

ନିର୍ଦ୍ଦିଷ୍ଟ ଉତ୍ତରମୂଳକ :

୧. ଲାବଣ୍ୟବତୀର ଗତି କାହା ଗତି ସହ ମେଳ ଖାଉଥିଲା ?

(କ) ଗଜ, (ଖ) ଅଶ୍ୱ, (ଗ) ହଂସ, (ଘ) ହରିଣ

୨. ମାଲ୍ୟବନ୍ତ ଏକ_____________ ଅଟେ ।

(କ) ପର୍ବତ, (ଖ) ନଦୀ, (ଗ) ହ୍ରଦ, (ଘ) ସରୋବର

୩. _____________ଅଯୋଧ୍ୟାରେ ହୋଇଲେ ନୃପତି ।

(କ) ଯୋଦ୍ଧାବର, (ଖ)ଅଯୋଧ୍ୟାବର, (ଗ)ବୀରବର, (ଘ) ସୀତାବର

୪. ଯେପରି କିଶୋର ଅବସ୍ଥା-କୈଶୋର, ସେହିପରି-କୁମାର ଅବସ୍ଥା _________ ।

(କ) କୋମାର, (ଖ) କୈମାର, (ଗ) କୁମାର, (ଘ) କୌମାର

୫. 'ଲାବଣ୍ୟ' ଶବ୍ଦର ବ୍ୟୁତ୍ପତ୍ତି କ'ଣ ହେବ ?

(କ) ଲବଣୀ+ଯ, (ଖ) ଲବଣ+ଯ, (ଗ) ଲାବଣ+ଯ (ଘ) ଲୋବଣ+ଯ

୬. ପୁରୁହୂତ ଶବ୍ଦର ଅର୍ଥ କ'ଣ ?
(କ) ଇନ୍ଦ୍ର, (ଖ) ଚନ୍ଦ୍ର,
(ଗ) ନନ୍ଦ, (ଘ) ଗୋବିନ୍ଦ
୭. ସୀତାଙ୍କର ଅନ୍ୟନାମ ବୈଦେହୀ ହେବାର କାରଣ ?
(କ) ସେ ଦେହହୀନା କନ୍ୟା, (ଖ) ବିଦେଶିନୀ କନ୍ୟା,
(ଗ) ବିଶେଷ ଦେହଧାରିଣୀ କନ୍ୟା, (ଘ) ବିଦେହର କନ୍ୟା
୮. ''ଶରସର୍ପ ଅଙ୍ଗ ପେଟିରେ ପ୍ରବେଶ କଲା ।'' ଏଥିରେ କେଉଁ ଅଳଂକାର ପ୍ରଯୁକ୍ତ ହୋଇଛି ?
(କ) ଉପମା, (ଖ) ରୂପକ,
(ଗ) ଉତ୍‌ପ୍ରେକ୍ଷା, (ଘ) ବ୍ୟତିରେକ
୯. ଶୀତାଂଶୁମୁଖୀର ବ୍ୟାସବାକ୍ୟ ନିରୂପଣ କର ।
(କ) ଶୀତାଂଶୁ ଅଟେ ମୁଖ ଯେଉଁ ସ୍ତ୍ରୀର, (ଖ) ଶୀତାଂଶୁ ଠାରୁ ସୁନ୍ଦର ମୁଖ ଯେଉଁ ସ୍ତ୍ରୀର,
(ଗ) ଶୀତାଂଶୁ ରୂପକ ଶୀତଳ ସୁନ୍ଦର ମୁଖ ଯେଉଁ ସ୍ତ୍ରୀର, (ଘ) ଶୀତାଂଶୁ ବାହାରୁଥିବା ମୁଖ ଯେଉଁ ସ୍ତ୍ରୀର

କ୍ଷୁଦ୍ର ଉତ୍ତରମୂଳକ :

୧୦. ରାଜକୁମାରୀ କେଉଁଥିରେ କାମନା ପୂର୍ଣ୍ଣ ହେବ ବୋଲି କଥା ଭାବୁଥିଲା ?
୧୧. କିଏ ଋଷ୍ୟଶୃଙ୍ଗଙ୍କୁ ଲୋମପାଦଙ୍କ ରାଜ୍ୟକୁ ଆଣିଥିଲା ?
୧୨. ଶାନ୍ତା କିଏ ଥିଲେ ?
୧୩. ଲକ୍ଷ୍ମଣଙ୍କ ନାମ ଏପରି ହେବାର କାରଣ କ'ଣ ?
୧୪. ବିଶ୍ୱାମିତ୍ର କାହିଁକି ରାମ ଲକ୍ଷ୍ମଣଙ୍କୁ ବଣକୁ ନେଇଥିଲେ ?
୧୫. ରାମଚନ୍ଦ୍ର କାହାକୁ ନାରୀରେ ପରିଣତ କରିଥିଲେ ?
୧୬. ଧୀବର ରାମଚନ୍ଦ୍ରଙ୍କ ପଦଧୋଇ ଦେବାରୁ ତାଙ୍କଠାରେ ଧୀବରର କେଉଁ ଭାବ ଫୁଟିଉଠିଲା ?
୧୭. ରାମ 'ଭୃଗୁପତିଙ୍କ ଭୃଗୁ ଭେଦିଲେ'ର ଅର୍ଥ କ'ଣ ?
୧୮. ଶକ୍ରସୁତ କିଏ ?
୧୯. ସୂର୍ପଣଖା କିଏ ଥିଲା ? ତାର ଏପରି ନାମ କାହିଁକି ହୋଇଥିଲା ?
୨୦. ଅରଣ୍ୟରେ କିଏ ମୋକ୍ଷ ଫଳ ଲାଭ କରିଥିଲା ?
୨୧. ମୁନିମାନଙ୍କ ଚିତ୍ତରେ କି ଭାବନା ସୃଷ୍ଟି ହୋଇଥିଲା ?
୨୨. ସେମାନଙ୍କ ମନୋବାଞ୍ଛା କେଉଁଠାରେ ପୂର୍ଣ୍ଣ ହୋଇଥିଲା ?
୨୩. କୋକ ଦମ୍ପତିକୁ ରାମଚନ୍ଦ୍ର କି ଅଭିଶାପ ଦେଇଥିଲେ ଓ କାହିଁକି ?
୨୪. ମୃଗରାଜଠାରୁ କେଉଁ ପ୍ରାଣୀ ବହୁଗୁଣ ଶକ୍ତିଶାଳୀ ?
୨୫. ରଘୁବୀର ବର୍ଷାକାଳ କେଉଁଠାରେ କାଟିଲେ ?

୨୬. ରାମ କାହାକୁ ମୁକୁଟ ପିନ୍ଧାଇଥିଲେ ?
୨୭. କାହା ସାହାଯ୍ୟରେ ରାମ ସମୁଦ୍ର ଜଳରେ ପଥର ବନ୍ଧ ବାନ୍ଧିଥିଲେ ?
୨୮. ରାମ ଲକ୍ଷ୍ମଣ ନାଗଫାଶରୁ କିପରି ମୁକୁଳି ଥିଲେ ?
୨୯. ବୈଦେହୀ ଲଙ୍କାରେ କେଉଁ ପରୀକ୍ଷା ଦେଇଥିଲେ ?
୩୦. କନ୍ଦର୍ପ କାହାର ପୁତ୍ର ଅଟନ୍ତି ?
୩୧. କର୍ଣ୍ଣାଟ ରାଜନନ୍ଦନ କିଏ ଥିଲେ ?
୩୨. ଇନ୍ଦ୍ରଜାଲ ଦେଖିବାକୁ ଯିବା ସମୟରେ ଲବଣ୍ୟବତୀର ବେଶ ଓ ଗତି କିପରି ଥିଲା ?
୩୩. ଦଶରଥ କିପରି ପୁତ୍ର ଲାଭ କରିଥିଲେ ?
୩୪. ଚିତ୍ରକୂଟ ପର୍ବତରେ କ'ଣ ଘଟିଥିଲା ?
୩୫. ଅମ୍ଳାନ ବସ୍ତ୍ର ଓ ବ୍ରହ୍ମଶସ୍ତ୍ର କେଉଁମାନଙ୍କଠାରୁ କିଏ ପାଇଥିଲେ ?
୩୬. ସୂର୍ପଣଖାକୁ କିଏ କାହିଁକି ଦଣ୍ଡ ଦେଇଥିଲେ ?

ସପ୍ରସଙ୍ଗ ସରଳାର୍ଥ ଲେଖ ।

୩୭. 'ଚାରୁଚରୁ ସ୍ୱରୂପେ ହୋଇଲେ ପଦ୍ମନାଭ ।'
୩୮. 'ବଜ୍ରପରି ଭୃଗୁପତି ଭୃଗୁକୁ ଭେଦିଲେ ।'
୩୯. 'ହେମ ସାରଙ୍ଗ ରଙ୍ଗରେ ଲଙ୍କା ଦଣ୍ଡଧାରୀ,
ସୀତା ଶୀତାଂଶୁମୁଖୀକି ଉଟଜରୁ ହରି ।'
୪୦. 'ଫଳଦାନେ ମୋକ୍ଷଫଳ ଲଭିଲା ଶବରୀ ।'

ଦୀର୍ଘ ଉତ୍ତରମୂଳକ–

୪୧. ଉପେନ୍ଦ୍ରଭଂଜଙ୍କୁ କବି ସମ୍ରାଟ ଓ ଶବ୍ଦ-ସମ୍ରାଟ କହିବାର ତାତ୍ପର୍ଯ୍ୟ କ'ଣ ?
୪୨. 'ଲାବଣ୍ୟବତୀ' କାବ୍ୟାଂଶରୁ ଶ୍ରୀରାମଙ୍କ ଚରିତ ବର୍ଣ୍ଣନା କର ।
୪୩. ଉପେନ୍ଦ୍ରଭଞ୍ଜ ଓଡ଼ିଆ କାବ୍ୟ ଯୁଗର ଶ୍ରେଷ୍ଠ ଆଳଙ୍କାରିକ କବି ; ସଦୃଷ୍ଟାନ୍ତ ଲେଖ ।
୪୪. ଐନ୍ଦ୍ରଜାଲିକର ଯାଦୁବିଦ୍ୟା ପ୍ରଦର୍ଶନର ପରିଚୟ ଦିଅ ।

ତୁମ ପାଇଁ କାମ–

୪୫. ଉପେନ୍ଦ୍ରଭଞ୍ଜଙ୍କ ଜୀବନୀ ସଂଗ୍ରହ କରି ପଢ଼ ।
୪୬. ବିଦ୍ୟାଳୟରେ ଭଞ୍ଜ ଜୟନ୍ତୀ ପାଳନ କର ଓ ତାଙ୍କ କବି ପ୍ରତିଭା ଉପରେ ଭାଷଣ ପ୍ରତିଯୋଗିତାର ଆୟୋଜନ କର ।
୪୭. ଭଞ୍ଜଙ୍କର ଅନ୍ୟ କେତେକ ଅଳଂକାରସମୃଦ୍ଧ ପଦ ମୁଖସ୍ଥ କର ।
୪୮. ଏହି କବିତାରୁ ସମୋଚ୍ଚାରିତ ଭିନ୍ନାର୍ଥକ ଶବ୍ଦାବଳୀ ବାଛି ଲେଖ ।